ସମ୍ବାଦ

ତାରିଖ: 26.୦୭.୨୦୨୩

## ବିଆଇଆଇଟିଏମ୍‌ରେ ମେଗା ରକ୍ତଦାନ ଶିବିର

# ୧୦୩ ୟୁନିଟ୍ ରକ୍ତ ସଂଗୃହୀତ






ଭୁବନେଶ୍ୱର, ୨୫/୭ (ଇମିସ): ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ବିଆଇଆଇଟିଏମ)ର ପ୍ରତିଷ୍ଠାତା ଅଧ୍ୟକ୍ଷ କଳ୍ପତରୁ ଦାସଙ୍କ ୮ମ ଶ୍ରାଦ୍ଧ ଦିବସ ପାଳନ ଅବସରରେ ବିଆଇଆଇଟିଏମ୍ ଓ ସମ୍ବାଦ-ଆମ ଓଡ଼ିଶାର ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଇନଫୋସିଟି ଏରିଆସ୍ଥିତ କଲେଜ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଏନ୍ଏସ୍ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ. ଜୟଶ୍ରୀବାଳା ମଲ୍ଲିକ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ନିରଦ ବରଣ ଖୁଣ୍ଟିଆ, କିଟ୍ ପ୍ରୋଗ୍ରାମ ଅଫିସର୍ ଶ୍ରୁତିରଂଜନ ଦାସ, ବିଆଇଆଇଟିଏମ୍ ପ୍ରିନ୍ସିପାଲ ଡ. ମିହିର ରଞ୍ଜନ ନାୟକ ଓ ଆମ ଓଡ଼ିଶାର ସଂପାଦକ ସ୍ୱରାଜ ମିଶ୍ର ଉପସ୍ଥିତ ରହି ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବିଆଇଆଇଟିଏମ୍ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର୍ କେ. ଚନ୍ଦ୍ରଶେଖର ଶିବିର ସଂଯୋଜନା ଓ ପରିଚାଳନା କରିଥିଲେ। ଏନ୍ଏସ୍ଏସ୍ ଟିମ ପକ୍ଷରୁ ବୋନିତା ମିତ୍ର, ପ୍ରଶାନ୍ତ ରାଉତ, ମନୋଜ ପରିଡ଼ା ଓ ସୁଦେଷ୍ଣା ଦତ୍ତା ତଥା ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ସହକର୍ମୀଙ୍କ ସମେତ ମୋଟ ୧୦୩ ଜଣ ରକ୍ତଦାତା ଶିବିରରେ ରକ୍ତଦାନ କରିଥିଲେ। ଭାରତୀୟ ରେଡକ୍ରସ ରକ୍ତକେନ୍ଦ୍ର ପକ୍ଷରୁ ଡା. ପ୍ରଦୀପ କୁମାର ମହାରଣା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଗୁଲସନ କୁମାର ଦାଶ, ଜ୍ୟୋତିର୍ମୟୀ ମଲ୍ଲିକ, କବିତା ଭୋଳ, ସୌମ୍ୟରଞ୍ଜନ ବେହେରା, ଦେବପ୍ରସାଦ ବାରିକ, ଶୁଭଶ୍ରୀ ସ୍ୱାଇଁ, ପ୍ରଭାସ କୁମାର ସାହୁ ଓ ପତିତପାବନ ନାୟକ ଶିବିରରୁ ରକ୍ତ ସଂଗ୍ରହ କାର୍ଯ୍ୟ ସଂପାଦନ କରିଥିଲେ। ଆମ ଓଡ଼ିଶାର ରକ୍ତଦାନ ରାଜ୍ୟ ସଂଯୋଜକ ପ୍ରଭଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରଟ ଅନୁଷ୍ଠିତ ହୋଇଥିଲା।